ଜଗତାର ସିଂହ

ବନାମ

ପର୍ଗତ ସିଂହ ଏବଂ ଅନ୍ୟମାନେ

ନଭେମ୍ବର 27, 1996

[କେ.ରାମାସ୍ୱାମୀ ଏବଂ ଜି.ଟି.ନାନାୱତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ ପ୍ରକ୍ରିୟା ସଂହିତା, 1908 : ଧାରା- 107(2) ଆଦେଶ III ନିୟମ 4, ଆଦେଶ XXIII, ନିୟମ I(1) ଏବଂ (4) ଏବଂ ଆଦେଶ XXXXI ନିୟମ 9.*

*ଉତ୍ତରଦାତାଙ୍କ ଦ୍ୱାରା ଦାଖଲ ହୋଇଥିବା ଘୋଷଣାତ୍ମକ ମକଦ୍ଦମା- ବିଚାର କରିଥିବା ନ୍ୟାୟାଳୟଙ୍କ ଦ୍ୱାରା ଡିକ୍ରି ହୋଇଥିବା ମକଦ୍ଦମା- ଆବେଦନକାରୀଙ୍କ ଦ୍ୱାରା ଆଗତ ଅପିଲ - ଅପିଲ ନ୍ୟାୟାଳୟଙ୍କ ସମ୍ମୁଖରେ ଅଧିବକ୍ତାଙ୍କ ଦ୍ୱାରା ଦିଆଯାଇଥିବା ବୟାନ ଯେ, ଆବେଦନକାରୀ ଅପିଲ ସହ ଆଗକୁ ବଢ଼ିବାକୁ ଚାହୁଁନାହାଁନ୍ତି- ଫଳସ୍ୱରୂପ ଅପିଲଟି ପ୍ରତ୍ୟାହାର ହୋଇ ଖାରଜ କରାଗଲା - ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଶ୍ଚିତ ହୋଇଥିବା ଅପିଲ ନ୍ୟାୟାଳୟର ଆଦେଶ- ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଅପିଲ- ଦର୍ଶାଯାଇଛି, ଆଦେଶ III, ନିୟମ 4, ସିପିସି ଅଧିବକ୍ତାଙ୍କୁ ମକଦ୍ଦମାର କାର୍ଯ୍ୟାନୁଷ୍ଠାନ ବିଧିବଦ୍ଧ ଭାବରେ ସମାପ୍ତ ନହେବା ପର୍ଯ୍ୟନ୍ତ ନଥିରେ ଜାରି ରଖିବାକୁ କ୍ଷମତା ପ୍ରଦାନ କରେ- ତେଣୁ, ପକ୍ଷର ସୂଚନା ଉପରେ ଏକ ବୟାନ ଦେଇ ଅପିଲକୁ ପ୍ରତ୍ୟାହାର କରିବାକୁ ଅଧିବକ୍ତାଙ୍କର କ୍ଷମତା ଅଛି - ମାମଲାର ଗୁଣବତ୍ତା ଭିତରକୁ ନ ଯାଇ ପ୍ରତ୍ୟାହାର ହୋଇଥିବା ଅପିଲକୁ ଖାରଜ କରିବାର ନ୍ୟାୟାଳୟଙ୍କର କ୍ଷମତା ଅଛି- ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଶ୍ଚିତ ହୋଇଥିବା ଅପିଲ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶରେ କୌଣସି ବେଆଇନତା ନାହିଁ ।*

ଦେୱାନୀ ଅପିଲ ଅଧିକାରିତା : ବିଶେଷ ଅନୁମତି ଆବେଦନ (ସି) ସଂଖ୍ୟା – 22201/1996 ।

ସି.ଆର୍. ସଂଖ୍ୟା- 4233/1995ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ତା19.07.10996ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଆର୍.ଏସ୍.ସିହୋତା, କୁମାରୀ ସୁରେଶ କୁମାରୀ, ଜି.ଉପାଧ୍ୟାୟ ଏବଂ ଆର୍.ଡ଼ି. ଉପାଧ୍ୟାୟ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ବିଶେଷ ଅନୁମତି ଆବେଦନଟି ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଜୁଲାଇ 19, 1996ରେ ଦେୱାନୀ ସଂଶୋଧନ ସଂଖ୍ୟା- 4233/95 ରେ ଆଦେଶରୁ ଉତ୍ପନ୍ନ ହୋଇଛି, ।

ଉତ୍ତରଦାତା ସଂଖ୍ୟା. 1, ଆବେଦନକାରୀଙ୍କ ବଡ଼ ଭାଇ ଆବେଦନକାରୀ ଏବଂ ତିନି ଭାଇଙ୍କ ବିରୋଧରେ ଘୋଷଣା ପାଇଁ ମକଦ୍ଦମା ଦାଏର କରିଥିଲେ ଯେ, ମେ 4, 1990 ତାରିଖର ଡିକ୍ରି ଅସିଦ୍ଧ ଏବଂ ଅବୈଧ ଥିଲା ଯାହା 29 ସେପ୍ଟେମ୍ବର, 1993 ରେ

ହୋସିଆରପୁରର ଅଧସ୍ତନ ବିଚାରପତିଙ୍କ ଦ୍ୱାରା ଡିକ୍ରି କରାଯାଇଥିଲା । ଆବେଦନକାରୀ ହୋସିଆରପୁର ଅତିରିକ୍ତ ଜିଲ୍ଲା ବିଚାରପତିଙ୍କ ନ୍ୟାୟାଳୟରେ ଏକ ଅପିଲ ଦାଖଲ କରିଛନ୍ତି । ଅଧିବକ୍ତା ୧୫ ସେପ୍ଟେମ୍ବର ୧୯୯୫ରେ ଏକ ବୟାନ ଦେଇଥିଲେ ଯେ, ଆବେଦନକାରୀ ଅପିଲକୁ ଆଗକୁ ବଢିବାକୁ ଚାହୁଁ ନାହାଁନ୍ତି । ଏହି ଆଧାରରେ, ଅପିଲକୁ ପ୍ରତ୍ୟାହାର କରି ଖାରଜ କରାଯାଇଥିଲା । ଆବେଦନକାରୀ ପୁନରୀକ୍ଷଣରେ ଆପିଲ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଆପତ୍ତି କରିଥିଲେ । ଉଚ୍ଚ ନ୍ୟାୟାଳୟ ଆକ୍ଷେପିତ ଆଦେଶରେ ଏହାକୁ ନିଶ୍ଚିତ କରିଥିଲେ । ତେଣୁ, ଏହି ବିଶେଷ ଅନୁମତି ଆବେଦନ ଅଟେ ।

ଆବେଦନକାରୀଙ୍କ ବିଜ୍ଞ ଅଧିବକ୍ତା ଯୁକ୍ତି ବାଢିଛନ୍ତି ଯେ, ଆବେଦନକାରୀ ଅଧିବକ୍ତାଙ୍କୁ ଅପିଲକୁ ପ୍ରତ୍ୟାହାର କରିବାକୁ ପ୍ରାଧିକୃତ କରିନଥିଲେ ।  ଅପିଲକୁ ଗ୍ରହଣ କରିବା ପରେ, କେବଳ ବିଚାର କରିଥିବା ନ୍ୟାୟାଳୟଙ୍କର ଯୁକ୍ତିର ବୈଧତା ଏବଂ ଏହା ସହିତ ସହମତ କିମ୍ବା ଅସହମତ ଉପସଂହାରଗୁଡ଼ିକୁ ବିଚାର କରି ଯୋଗ୍ୟତା ଉପରେ ନିଷ୍ପତ୍ତି ନେବା ବ୍ୟତୀତ, ଏହାକୁ ପ୍ରତ୍ୟାହାର କରି ଖାରଜ କରିବାର ନ୍ୟାୟାଳୟଙ୍କ ପାଖରେ କୌଣସି କ୍ଷମତା ନାହିଁ । ଆମେ ଏହି ବିବାଦରେ କୌଣସି ଦୃଢତା ପାଉନାହୁଁ । ଆଦେଶ III, ନିୟମ 4, ସିପିସି ଅଧିବକ୍ତାଙ୍କୁ ମକଦ୍ଦମାର କାର୍ଯ୍ୟଧାରା ଯଥାସମ୍ଭବ ସମାପ୍ତ ନହେବା ପର୍ଯ୍ୟନ୍ତ ନଥିରେ ଜାରି ରଖିବାକୁ କ୍ଷମତା ଦିଏ । ତେଣୁ, ଅଧିବକ୍ତାଙ୍କ ପାଖରେ ଅପିଲ ପ୍ରତ୍ୟାହାର କରିବା ପାଇଁ ପକ୍ଷର ସୂଚନାଗୁଡ଼ିକ ଉପରେ ଏକ ବୟାନ ଦେବାର କ୍ଷମତା ଅଛି । ତେବେ ପ୍ରଶ୍ନ ହେଉଛି : ଅଧସ୍ତନ ବିଚାରପତିଙ୍କ ନ୍ୟାୟାଳୟଙ୍କର ନିଷ୍ପତ୍ତି ବିରୁଦ୍ଧରେ ଆପତ୍ତି କରାଯାଇଥିବା ଡିକ୍ରି ବିରୁଦ୍ଧରେ ନ୍ୟାୟାଳୟଙ୍କ ଯୋଗ୍ୟତା ଉପରେ ଏକ ଯୁକ୍ତିଯୁକ୍ତ ଆଦେଶ ପ୍ରଦାନ କରିବାକୁ ପଡ଼ିବ କି ? ଆଦେଶ XXIII, ନିୟମ 1(1) ଏବଂ (4) ପକ୍ଷକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ମକଦ୍ଦମାରେ ଦାଏର ଦାବି ପରିତ୍ୟାଗ କରିବାର କ୍ଷମତା ପ୍ରଦାନ କରେ । ସିପିସି ର ଧାରା- 107(2)ର କାର୍ଯ୍ୟ ଦ୍ୱାରା, ଏହା ସମାନ ଭାବରେ ଅପିଲକୁ ପ୍ରଯୁଜ୍ୟ ଏବଂ ଅପିଲ ନ୍ୟାୟାଳୟର ଅପିଲକାରୀଙ୍କୁ ସମ୍ପୂର୍ଣ୍ଣ ଭାବରେ କିମ୍ବା ପ୍ରତିକାରର ଅଂଶ ଭାବରେ ପ୍ରତିପକ୍ଷଙ୍କ ବିରୁଦ୍ଧରେ ତାଙ୍କର ଅପିଲ ପରିତ୍ୟାଗ କରିବାକୁ ଅନୁମତି ଦେବାର ସହ-ବିସ୍ତୃତ କ୍ଷମତା ଅଛି । ଫଳସ୍ୱରୂପ, ଯଦିଓ ଆଦେଶ XXXXI, ନିୟମ 9 ଅଧୀନରେ ଅପିଲ ଗ୍ରହଣ କରାଯାଇଥିଲା, ତଥାପି ନ୍ୟାୟାଳୟର ମାମଲାର ଗୁଣବତ୍ତାକୁ ନପାଇ ଏବଂ ନିୟମ 11 ଅଧୀନରେ ନିଷ୍ପତ୍ତି ନ ନେଇ ଅପିଲକୁ ପ୍ରତ୍ୟାହାର କରିନିଆଯାଇଥିବା ଭାବରେ ଖାରଜ କରିବାର କ୍ଷମତା ରହିଛି ।

ତେଣୁ, ଆମେ ଦର୍ଶାଉ ଯେ, ଅଧିବକ୍ତାଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଆଦେଶ III, ନିୟମ 4, ସିପିସି ଅଧୀନରେ ତାଙ୍କର କ୍ଷମତା ସହିତ ସୁସଙ୍ଗତ ଅଟେ । ଯଦି ପ୍ରକୃତରେ ଅଧିବକ୍ତା ପକ୍ଷର ସ୍ୱାର୍ଥରେ କିମ୍ବା ପକ୍ଷର ନିର୍ଦ୍ଦେଶ ବିରୁଦ୍ଧରେ କାର୍ଯ୍ୟ କରିନାହାଁନ୍ତି, ତେବେ ଆବଶ୍ୟକୀୟ ପ୍ରତିକାର ଅନ୍ୟତ୍ର ଅଛି ଏବଂ ନିମ୍ନରେ ନ୍ୟାୟାଳୟଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରକ୍ରିୟା ସିପିସି ର ବ୍ୟବସ୍ଥା ସହିତ ସୁସଙ୍ଗତ ଅଟେ । ପୁନରୀକ୍ଷଣରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଶ୍ଚିତ କରାଯାଇଥିବା ଅତିରିକ୍ତ ଜିଲ୍ଲା ବିଚାରପତିଙ୍କ ଦ୍ୱାରା ଦିଆଯାଇଥିବା ଆଦେଶରେ ଆମେ କୌଣସି ବେଆଇନତା ପାଉନାହୁଁ ।

ତେଣୁ ଆବେଦନକାରୀଙ୍କୁ ଆଇନ ଅନୁଯାୟୀ କାର୍ଯ୍ୟ କରିବାକୁ ସ୍ୱାଧୀନତା ଦେଇ ବିଶେଷ ଅନୁମତି ଆବେଦନକୁ ଖାରଜ କରାଯାଉଛି ।

ଟି.ଏନ୍.ଏ                                                                                    ଆବେଦନଟି ଖାରଜ ହୋଇଛି

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**